# NATIONAL NEWS BULLETIN (ODIA)

## 17 April - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମହିଳାଙ୍କ ନିମନ୍ତେ ଆସନ ସଂରକ୍ଷଣ ବୃଦ୍ଧି ପାଇଁ ଲୋକସଭାରେ ଆଗତ ତିନୋଟି ସଂଶୋଧନ ବିଧେୟକ ଉପରେ ବିଳମ୍ବିତ ରାତି ଯାଏଁ ଆଲୋଚନା ଜାରି ।

– ପ୍ରମୁଖ ରାଜନୈତିକ ଦଳ ଗୁଡ଼ିକ ମହିଳା ସଂରକ୍ଷଣ ବ୍ୟବସ୍ଥାକୁ କଲେ ସମର୍ଥନ ।

– ଆଜି ପୂର୍ବାହ୍ଣ ୧୧ଟାରେ ଲୋକସଭାରେ ଆଲୋଚନାର ଉତ୍ତର ରଖିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

- ଇସ୍ରାଏଲ୍ ଏବଂ ଲେବାନନ ମଧ୍ୟରେ କାର୍ଯ୍ୟକାରୀ ହେଲା ୧୦ ଦିନିଆ ଅସ୍ତ୍ରବିରତି ।

- ଇରାନ୍ ୟୁରାନିୟମ ହସ୍ତାନ୍ତର କରିବାକୁ ସମ୍ମତି ପ୍ରକାଶ କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ସୂଚନା ।

ଏବଂ

- ଆଇପିଏଲ୍‌ରେ ୭ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କଲା ପଞ୍ଜାବ କିଙ୍ଗସ୍ ।

## ଏଲ୍‌ଏସ୍-ଓମ୍ୟାନ୍ ରିଜର୍ଭେସନ୍ ବିଲ୍

ଲୋକସଭାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ତିନୋଟି ସଂଶୋଧନ ବିଧେୟକ ଉପରେ ଆଲୋଚନା ଜାରି ରହିଥିଲା । ଗତକାଲି ଲୋକସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକ, ସୀମା ନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଧେୟକ ଆଲୋଚନା ଏବଂ ମଞ୍ଜୁରୀ ପାଇଁ ଆଗତ କରାଯାଇଥିଲା । ଏହି ତିନୋଟି ବିଧେୟକ ଲୋକସଭା ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାନସଭାରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ।

ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକ ଆଗତ କରିଥିଲେ । ଯାହାର ଉଦ୍ଦେଶ୍ୟ ହେଉଛି, ଲୋକସଭାରେ ଆସନ ସଂଖ୍ୟା ୫୪୩ ରୁ ୮୫୦ କୁ ବୃଦ୍ଧି କରିବା । ୮୫୦ ଆସନ ମଧ୍ୟରୁ ୮୧୫ ସଦସ୍ୟ ରାଜ୍ୟ ଏବଂ ୩୫ ସଦସ୍ୟ କେନ୍ଦ୍ରଶାସିତ ଅଞ୍ଚଳରୁ ନିର୍ବାଚିତ ହେବେ। ବିଲ୍‌ର ଉଦ୍ଦେଶ୍ୟ ହେଉଛି

ଲୋକସଭା ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାନସଭାରେ ମହିଳାଙ୍କ ପାଇଁ ଏକତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା।

୨୦୨୩ ମସିହାରେ ଗୃହୀତ ନାରୀ ଶକ୍ତି ବନ୍ଦନ ଅଧିନିୟମ ଅନୁଯାୟୀ ଆଇନ ହେବା ପରେ ପ୍ରଥମ ଜନଗଣନା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପରେ ମହିଳାଙ୍କ ପାଇଁ ଏକତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତକାଲି ଲୋକସଭାରେ କେନ୍ଦ୍ର ଶାସିତ ଅଞ୍ଚଳ  ସଂଶୋଧନ ବିଧେୟକ ଆଗତ କରିଥିଲେ।

ଲୋକସଭାରେ ଏହି ତିନୋଟି ବିଲ୍ ଉପରେ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଜନସଂଖ୍ୟାର ପଚାଶ ପ୍ରତିଶତଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ଅଂଶ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ନାରୀ ଶକ୍ତି ଦେଶର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏବଂ ନୀତି ନିର୍ଦ୍ଧାରଣରେ ସେମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ସମୟର ଆବଶ୍ୟକତା। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ, ସମସ୍ତ ରାଜନୈତିକ ପ୍ରତିଷ୍ଠାନ ଦଶନ୍ଧି ଦଶନ୍ଧି ଧରି ମହିଳାମାନଙ୍କ ଏହି ଅଧିକାରକୁ ଗୁରୁତ୍ୱ ଦେଇନଥିଲେ ।

ପ୍ରଧାନମନ୍ତ୍ରୀ ବିରୋଧୀ ଦଳଗୁଡ଼ିକୁ ଏହି ଐତିହାସିକ ଆଇନକୁ ସମର୍ଥନ କରି ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସେ କହିଥିଲେ, ଯେଉଁମାନେ ଏବେ ଏହି ଆଇନକୁ ବିରୋଧ କରିବେ ସେମାନେ ଭବିଷ୍ୟତରେ ପରିଣାମ ଭୋଗ କରିବେ। ଶ୍ରୀ ମୋଦୀ କହିଥିଲେ, ଏହା ଦେଶର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ ଗୁରୁତ୍ୱାରୋପ କରିଥିଲେ, ଏକ ବିକଶିତ ଭାରତ କେବଳ ଭିତ୍ତିଭୂମି, ରେଳପଥ କିମ୍ବା ଆର୍ଥିକ ସୂଚକାଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏଥିପାଇଁ ମହିଳାମାନଙ୍କର ସମାନ ଅଂଶଗ୍ରହଣ ଆବଶ୍ୟକ। ସେ କହିଥିଲେ, ସରକାର ନୀତି ନିର୍ଦ୍ଧାରଣରେ ‘ସବକା ସାଥ, ସବକା ବିକାଶ’ର ମନ୍ତ୍ର ନେଇ କାର୍ଯ୍ୟ କରୁଛନ୍ତି ।

## V/O-PM ON RIGHT OF WOMEN

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ସଂସଦୀୟ ଗଣତନ୍ତ୍ରରେ ମହିଳାମାନଙ୍କର ଅଂଶଗ୍ରହଣ କେବଳ ସଂଖ୍ୟା ବିଷୟରେ ନୁହେଁ, ବରଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତା। ସେ କହିଥିଲେ, ପ୍ରାୟ ଛଅ ହଜାର ୭୦୦ ବ୍ଲକ ପଞ୍ଚାୟତ ମଧ୍ୟରୁ ପ୍ରାୟ ଦୁଇ ହଜାର ୭୦୦ ପଞ୍ଚାୟତ ମହିଳାମାନଙ୍କ ଦ୍ୱାରା ପରିଚାଳିତ। ଶ୍ରୀ ମୋଦୀ କହିଥିଲେ ଯେ ଆଜି ଯେଉଁ ଦେଶ ପ୍ରଗତି କରୁଛି ସେଥିରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି ଏବଂ ଏହାକୁ ସ୍ୱୀକାର କରିବାକୁ ପଡିବ। ସେ କହିଥିଲେ, ଯେତେବେଳେ

ଏହି ଅଭିଜ୍ଞତା ଗୃହର ଅଂଶ ହେବ, ସେତେବେଳେ ଏହା ଦକ୍ଷତାକୁ ଅନେକ ଗୁଣ ବୃଦ୍ଧି କରିବ। ପ୍ରଧାନମନ୍ତ୍ରୀ କହିଥିଲେ, ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ମହିଳାମାନଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**V/O-PM-ON-VIKSIT BHARAT**

ଆଇନ ଉପରେ ଆଲୋଚନା କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପରେ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକରେ ଲୋକସଭା ଆସନ ସଂଖ୍ୟା ହ୍ରାସ ପାଇବ ନାହିଁ । ସେ କହିଥିଲେ, ସଂଶୋଧନ ବିଧେୟକରେ ଏହା ନିଶ୍ଚିତ କରାଯାଇଛି ଯେ କୌଣସି ଅଞ୍ଚଳ ସମ୍ପୂର୍ଣ୍ଣ ଭାବରେ ଆସନ ହରାଇବ ନାହିଁ ବରଂ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ବୃଦ୍ଧି ପାଇବ। ଶ୍ରୀ ଶାହ କହିଥିଲେ, ବର୍ତ୍ତମାନ ୫୪୩ ଆସନ ମଧ୍ୟରୁ, ଲୋକସଭାରେ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକର ସଂଖ୍ୟା ୧୨୯ ଥିବା ବେଳେ ଏହା ୧୯୫କୁ ବୃଦ୍ଧି ପାଇବ।

**V/O-AMIT SAHA**

ବିଲ୍ ଉପସ୍ଥାପନ କରି ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ଦିନକୁ ଐତିହାସିକ ବୋଲି କହିବା ସହ ସରକାର ମହିଳାମାନଙ୍କୁ ରାଜନୈତିକ ନ୍ୟାୟ ଦେବା ପାଇଁ ପ୍ରଚେଷ୍ଟା କରୁଥିବା କହିଛନ୍ତି । ଡକ୍ଟର ବି.ଆର. ଆମ୍ବେଦକରଙ୍କ ବାଣୀକୁ ଉଦ୍ଧୃତ କରି ଶ୍ରୀ ମେଘୱାଲ କହିଛନ୍ତି ଯେ ଏକ ସମ୍ପ୍ରଦାୟର ପ୍ରଗତି ମହିଳାମାନଙ୍କ ବିକାଶର ସ୍ତର ଦ୍ୱାରା

ଆକଳନ କରାଯାଇଥାଏ । ସେ କହିଛନ୍ତି, ଲୋକସଭାର ନୂତନ ସଦସ୍ୟ ସଂଖ୍ୟା ୮୧୫ ହେବ ଏବଂ ସେଥିମଧ୍ୟରୁ ୨୭୨ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ କହିଛନ୍ତି ଯେ ତାଙ୍କ ଦଳ ମହିଳା ସଂରକ୍ଷଣ ସପକ୍ଷରେ, କିନ୍ତୁ ଏହାକୁ ସରଳୀକୃତ କରାଯିବା ଉଚିତ ଏବଂ ସୀମା ନିର୍ଦ୍ଧାରଣ ସହିତ ଯୋଡା ଯିବା ଉଚିତ୍ ନୁହେଁ ।

କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଦ୍ରା କହିଛନ୍ତି ଯେ ପଞ୍ଚାୟତ ଏବଂ ପୌରପାଳିକାରେ ମହିଳା ସଂରକ୍ଷଣର ବ୍ୟବସ୍ଥା ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସରକାର ଆରମ୍ଭ କରିଥିଲେ । ସେ କହିଛନ୍ତି ଯେ ଏହି ପଦକ୍ଷେପ ତୃଣମୂଳ ସ୍ତରରେ ମହିଳାଙ୍କ ରାଜନୈତିକ ଅଂଶଗ୍ରହଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ବିଜେପିର ତେଜସ୍ୱୀ ସୂର୍ଯ୍ୟ କହିଛନ୍ତି ଯେ ଏହା ଏକ ଐତିହାସିକ ଦିନ କାରଣ ପ୍ରାୟ ଚାରି ଦଶନ୍ଧି ଧରି ଉପେକ୍ଷିତ ହୋଇଥିବା ଦେଶର ମହିଳାମାନେ ଏବେ ସେମାନଙ୍କର ଅଧିକାର ପାଇବାକୁ ଯାଉଛନ୍ତି । ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ କହିଛନ୍ତି ଯେ ତାଙ୍କ ଦଳ

ମହିଳା ସଂରକ୍ଷଣକୁ ସମର୍ଥନ କରେ। କିନ୍ତୁ ଜନଗଣନା ଅଭିଯାନ ଶେଷ ହେବା ପରେ ମହିଳା ସଂରକ୍ଷଣ ବିଲ୍ ଆଗତ କରାଯିବା ଉଚିତ।

ତେଲୁଗୁ ଦେଶମ୍ ପାର୍ଟି ନେତା ଡକ୍ଟର ବାଏରେଡ୍ଡି ଶବରୀ, ଶିବସେନା (UBT) ଅରବିନ୍ଦ ସାୱନ୍ତ, ବିଜେପି ସାଂସଦ ବାଂଶୁରୀ ସ୍ୱରାଜ, AITC ର ପ୍ରତିମା ମଣ୍ଡଳ, LJP (R) ର ଶାମ୍ଭବୀ, JD(U) ର ଲଭଲି ଆନନ୍ଦ ଏବଂ ଅନ୍ୟ ପ୍ରମୁଖ ରାଜନୈତିକ ଦଳର ସାଂସଦମାନେ ଆଲୋଚନା ଅଂଶଗ୍ରହଣ କରିଥିଲେ । ତେବେ ବିଧେୟକ ଗୁଡ଼ିକ ଉପରେ ଆଲୋଚନା ଅସମାପ୍ତ ରହିଛି। ଆଜି ପୂର୍ବାହ୍ନ ୧୧ ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଲୋଚନାର ଉତ୍ତର ରଖିବେ।

## ଇସ୍ରାଏଲ୍-ଲେବାନନ ସିଜ୍‌ଫାୟାର୍

ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ୧୦ ଦିନିଆ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ପରେ ସମଗ୍ର ବେରୁତରେ ଉତ୍ସବ ପାଳନ କରାଯାଇଛି । ଗତକାଲି ରାତିରେ ଆରମ୍ଭ ହୋଇଥିବା ଏହି ଅସ୍ତ୍ରବିରତି ଉଭୟ ପକ୍ଷ ମଧ୍ୟରେ ଅସ୍ଥାୟୀ ଭାବରେ ଶତ୍ରୁତାପୂର୍ଣ୍ଣ ଆଚରଣକୁ ବନ୍ଦ କରିବା ସହ କୂଟନୈତିକ ସମ୍ପର୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଆମେରିକାର ବୈଦେଶିକ ବିଭାଗର ସୂଚନା ଅନୁଯାୟୀ, ଇସ୍ରାଏଲ ଏବଂ

ଲେବାନନ ମଧ୍ୟରେ ଏକ ସ୍ଥାୟୀ ସୁରକ୍ଷା ଏବଂ ଶାନ୍ତି ଚୁକ୍ତିନାମା ପାଇଁ ଆଲୋଚନା କରିବା ନିମନ୍ତେ ଏହି ଅସ୍ତ୍ରବିରତି ପଥ ଉନ୍ମୁକ୍ତ କରିଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା କରିଥିଲେ। ଟ୍ରମ୍ପ ଲେବାନନ ରାଷ୍ଟ୍ରପତି ଜୋସେଫ ଅଉନ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ଆଲୋଚନା କରିଥିବା କହିବା ପରେ ଏହି ଘୋଷଣା କରାଯାଇଥିଲା । ଉଭୟ ଦେଶ ଶାନ୍ତି ସ୍ଥାପନ ଦିଗରେ ଉଦ୍ୟମ କରିବାକୁ ରାଜି ହୋଇଥିବା ସେ କହିଥିଲେ। ୧୯୮୩ ପରଠାରୁ ଉଭୟ ଦେଶ ମଧ୍ୟରେ ପ୍ରଥମ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଟ୍ରମ୍ପ ଉଭୟ ନେତାଙ୍କୁ ହ୍ୱାଇଟ୍ ହାଉସକୁ ନିମନ୍ତ୍ରଣ କରିଛନ୍ତି।

## ଟ୍ରମ୍ପ୍-ଇରାନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ୟୁରାନିୟମ ହସ୍ତାନ୍ତର କରିବାକୁ ସମ୍ମତି ପ୍ରକାଶ କରିଛି ଯାହା ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ବ୍ୟବହାର କରାଯାଇପାରିବ। ହ୍ୱାଇଟ୍ ହାଉସରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି,  ଉଭୟ ଇରାନ୍ ଓ ଆମେରିକା ଶାନ୍ତି ଚୁକ୍ତିର ନିକଟତର ହେଉଛନ୍ତି। ସେ କହିଛନ୍ତି, ଉଭୟ ଦେଶ ସକାରାତ୍ମକ ଆଲୋଚନା ଦେଇ ଗତି କରୁଛନ୍ତି ଏବଂ ଖୁବ୍ ଶୀଘ୍ର ବୁଝାମଣା ହେବା ନେଇ ସମ୍ଭାବନା ରହିଛି।

ସେ କହିଛନ୍ତି, ଯଦି ଆଲୋଚନା ସଫଳ ହୋଇ ବୁଝାମଣା ହେବ ତେବେ ହର୍ମୁଜ୍ ପ୍ରଣାଳୀ ପୁଣିଥରେ ପୂର୍ବଭଳି କାର୍ଯ୍ୟ କରିବ ।

ଗତ ସପ୍ତାହରେ ଉଭୟ ଦେଶ ମଧ୍ୟରେ ଇସଲାମାବାଦରେ ହୋଇଥିବା ଆଲୋଚନା ବିଫଳ ହେବା ପରେ ତେହେରାନ ପରମାଣୁ ଇନ୍ଧନ ଉପରେ ନିଜର ଅଧିକାର ଛାଡିବାକୁ ମନା କରିଥିବା ଆମେରିକା କହିଥିଲା ।

ପୂର୍ବରୁ, ତେହରାନ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୟୁରାନିୟମ ସମୃଦ୍ଧିକୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲା, ଯାହାକୁ ଟ୍ରମ୍ପ ପ୍ରଶାସନ ପ୍ରତ୍ୟାଖ୍ୟାନ କରି ୨୦ ବର୍ଷ ପାଇଁ ଏହାକୁ ସମ୍ପ୍ରସାରଣ କରିବା ଲାଗି କହିଥିଲେ ।

## ୟୁକେ-ଫ୍ରାନ୍ସ ସମିଟ୍

ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ହର୍ମୁଜ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଗୁରୁତ୍ୱପୂର୍ଣ୍ଣ ଜାହାଜ ଚଳାଚଳ ମାର୍ଗଗୁଡ଼ିକୁ ସୁରକ୍ଷିତ କରିବା ଲାଗି ଉଦ୍ୟମ ବିଷୟରେ ଆଲୋଚନା କରିବା ପାଇଁ ବିଶ୍ୱ ନେତାମାନଙ୍କର ଏକ ଆଭାସୀ ବୈଠକ ଆୟୋଜନ କରିବେ । ଇରାନ ସହ ଯୁଦ୍ଧବିରତିକୁ ସମର୍ଥନ କରିବା ଏବଂ ପ୍ରମୁଖ ସାମୁଦ୍ରିକ କରିଡର ଦେଇ ସୁରକ୍ଷିତ ପଥ ସୁନିଶ୍ଚିତ କରିବା ନେଇ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି । ପ୍ରାୟ ୪୦ଟି

ଦେଶର ନେତୃବୃନ୍ଦ ଆଭାସୀ ସମ୍ମିଳନୀରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି। ସମ୍ମିଳନୀରେ ସମ୍ପୃକ୍ତ ଅଞ୍ଚଳରେ ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷା ବୃଦ୍ଧି ନିମନ୍ତେ  ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନର କାର୍ଯ୍ୟକୁ ସମର୍ଥନ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହେବ ।

ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ବିବୃତ୍ତି ଅନୁଯାୟୀ, ଆଲୋଚନାରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଏକ ଅନ୍ତର୍ଜାତୀୟ ମିଶନ ପ୍ରତିଷ୍ଠା କରିବାର ଯୋଜନା ସାମିଲ କରାଯିବ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମାକ୍ରନଙ୍କ ସହ ବୈଠକକୁ ସହ-ଆୟୋଜନ କରିବା ପାଇଁ ଶ୍ରୀ ଷ୍ଟାର୍ମର୍ ଆଜି ପ୍ୟାରିସରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଜର୍ମାନ ଚାନ୍ସେଲର ଫ୍ରେଡ୍ରିକ୍ ମର୍ଜ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବାର ସମ୍ଭାବନା ରହିଛି ।

## ଗୋୟଲ-ସାଉଥ୍ କୋରିଆ

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଦକ୍ଷିଣ କୋରିଆର ବାଣିଜ୍ୟ ମନ୍ତ୍ରୀ ୟେଓ ହାନ-କୁଙ୍କ ସହ ଆଭାସୀ ବୈଠକ କରିଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ବୈଠକରେ ଉଭୟ ନେତା ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ। ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ଆହୁରି ଗଭୀର

କରିବା ପାଇଁ ମିଳିତ ପ୍ରତିବଦ୍ଧତାକୁ ଦୋହରାଇବା ସହ ଶ୍ରୀ ଗୋୟଲ ଦୁଇ ଦେଶ ମଧ୍ୟରେ ଏକ ବ୍ୟାପକ ଏବଂ ପାରସ୍ପରିକ ତଥା ଲାଭଦାୟକ ସହଭାଗୀତାକୁ ଆଗକୁ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଫ୍ୟାକ୍ଟ ଚେକ୍-ସିଭିଲ୍ ୱାର୍

ଭାରତ ଗୃହଯୁଦ୍ଧ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ସମ୍ପର୍କିତ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି । ପତ୍ର ସୂଚନା କାର୍ଯ୍ୟାଳୟର ସତ୍ୟ ଅନୁସନ୍ଧାନକାରୀ ୟୁନିଟ୍‌ର ସୂଚନା ଅନୁଯାୟୀ ପ୍ରସାରିତ ହେଉଥିବା ଭିଡ଼ିଓଟି ମିଥ୍ୟା ଏବଂ ନକଲି । ସମ୍ପୃକ୍ତ ଭିଡ଼ିଓଟି  ପାକିସ୍ତାନ-ଭିତ୍ତିକ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରୁ ପ୍ରସାରିତ ହେଉଥିବା ଜଣାପଡ଼ିଛି। ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଏଭଳି ଭିଡ଼ିଓକୁ ସେୟାର କରିବା ପୂର୍ବରୁ ଯାଞ୍ଚ୍ କରିବା ଲାଗି ପରାମର୍ଶ ଦେଇଛି ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି ରାତିରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ୭ ୱିକେଟରେ

ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ବିଜୟ ପାଇଁ ୧୯୬ ରନର ପିଛା କରି, ପଞ୍ଜାବ କିଙ୍ଗସ୍ ୭ ୱିକେଟ ଏବଂ ୨୧ ବଲ ବାକି ଥାଇ ଲକ୍ଷ୍ୟ ପୂରଣ କରିଥିଲା ।

ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୯୫ ରନ କରିଥିଲା। ପଞ୍ଜାବ ପାଇଁ ପ୍ରଭ୍‌ସିମରନ ସିଂହ ୩୯ବଲ୍‌ରୁ ୮୦ ରନ୍ ସ୍କୋର କରିଥିବା ବେଳେ ମୁମ୍ବାଇ ପାଇଁ କ୍ୱିଣ୍ଟନ ଡି'କକ୍ ୬୦ ବଲ୍‌ରୁ ୧୧୨ ରନ କରିଥିଲେ। ଅର୍ଶଦୀପ ସିଂହଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଇପିଏଲ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।